ପ୍ରେସ୍‌ନୋଟ୍

# ବିଶ୍ୱ ଦୃଷ୍ଟି ଦିବସ ।

ଅନୁଗୋଳ ତା. ୧୨.୧୦ : - ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ବିଶ୍ୱ ଦୃଷ୍ଟି ଦିବସ' ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ.ଶିବାନନ୍ଦ ମହାନ୍ତି ଅଧ୍ୟକ୍ଷତା କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସେ ଚକ୍ଷୁର ଯତ୍ନ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ଦୃଷ୍ଟି ଦୋଷ ଥିବା ବ୍ୟକ୍ତି ମାନେ ତୁରନ୍ତ ଚକ୍ଷୁ ପରୀକ୍ଷା କରାଇ ନିୟମିତ ଚଷମା ବ୍ୟବହାର କରିବା ଆବଶ୍ୟକ । ସେହିପରି କମ୍ପ୍ୟୁଟର କିମ୍ବା ମୋବାଇଲରେ କାମ କରୁଥିଲେ ପ୍ରତି ୨୦ ମିନିଟ୍‌ରେ ୨୦ ଫୁଟ ଦୂରରେ ଥିବା ବସ୍ତୁକୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଦେଖିବା, ଟାଣ ଖରାରେ ଘରୁ ବାହାରିବା ବେଳେ କଳା ଚଷମା ବ୍ୟବହାର କରିବା ତଥା ଧୂମପାନ ବର୍ଜନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ ରାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ବଜାର ମଧ୍ୟରେ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି ,ଚକ୍ଷୁ ବିଶେଷଜ୍ଞ ଡ.ପରମେଶ୍ୱର ଜେନା, ଡ.ନୀଳମାଧବ ପ୍ରଧାନ, ଆଶା କର୍ମୀ, ନର୍ସିଂ ଛାତ୍ରୀ ଓ ପାରାମେଡିକାଲ ଷ୍ଟାଫ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୦୯ ତା.୧୨.୧୦.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

12/10/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।

OPPO Reno7 5G


ବାରମ୍ବାର
ଆଖି ପତା ପକାନ୍ତୁ
ଧୂମପାନ
ବର୍ଜନ କରନ୍ତୁ
ବିଶ୍ୱ ଦୃଷ୍ଟି ଦିବସ
'କର୍ମକ୍ଷେତ୍ରରେ
ଚକ୍ଷୁର ଯତ୍ନ ନିଅନ୍ତୁ'
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ


ବାରମ୍ବାର
ଆଖି ପତା ପକାନ୍ତୁ
ଧୂମପାନ
ବର୍ଜନ କରନ୍ତୁ
ଚକ୍ଷୁର ଯତ୍ନ
'କର୍ମକ୍ଷେତ୍ରରେ
ଚକ୍ଷୁର ଯତ୍ନ ନିଅନ୍ତୁ'
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ


ବାରମ୍ବାର
ଆଖି ପତା ପକାନ୍ତୁ
ଦୃଷ୍ଟି ଦୋଷ ଥିବା ବ୍ୟକ୍ତିମାନେ
ଚକ୍ଷୁ ପରୀକ୍ଷା କରାଇ ନିୟମିତ
ଚଷମା ବ୍ୟବହାର କରନ୍ତୁ
ଚକ୍ଷୁର ଯତ୍ନ
ବିଶ୍ୱ ଦୃଷ୍ଟି ଦିବସ
୧୨ ଅକ୍ଟୋବର ୨୦୨୩
'କର୍ମକ୍ଷେତ୍ରରେ
ଚକ୍ଷୁର ଯତ୍ନ ନିଅନ୍ତୁ'
ଧୂମପାନ ବର୍ଜନ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ